# ଆମ ଓଡ଼ିଶା

ĀMA ODISHĀ

# ମତଦାନ ଅଭିଯାନ





ଭାଷାଜ୍ଞାନ ଓ ରକ୍ତଦାନ କାର୍ଯ୍ୟକ୍ରମକୁ ବ୍ୟାପକ ସମର୍ଥନ ଓ ସଫଳତା ମିଳିବାପରେ **'ଆମ ଓଡ଼ିଶା'** ତା'ର ସଂକଳ୍ପକୁ ଆଉ ପାଦେ ଆଗେଇ ନେବାପାଇଁ **'ମତଦାନ'** କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛି ।

**ଭାଷାଜ୍ଞାନ, ରକ୍ତଦାନ ଓ ମତଦାନ** ଏବେ **'ଆମ ଓଡ଼ିଶା'** ଅଭିଯାନର ନୂଆ ତ୍ରିଭୁଜ ।

ଗତବର୍ଷ ଜାନୁଆରି ୨୩ ତାରିଖ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଦିବସରେ 'ଆମ ଓଡ଼ିଶା' ଦ୍ୱାରା ଆୟୋଜିତ ରାଜ୍ୟବ୍ୟାପୀ ଗଣଦୌଡ଼ କାର୍ଯ୍ୟକ୍ରମରେ ୧,୧୮,୦୦୦ ଯୁବକ/ଯୁବତୀ ଯୋଗଦେଇ ଏକ ସଂକଳ୍ପ ନେଇଥିଲେ ଯେ 'ଆମ ରାଜ୍ୟରେ କାହାରିକୁ ରକ୍ତ ଅଭାବରୁ ମରିବାକୁ ଦେବାନାହିଁ'। ଆମେ ଅତ୍ୟନ୍ତ ଆନନ୍ଦିତ ଯେ ୨୦୧୧ ମସିହାରେ ରାଜ୍ୟର ସମସ୍ତ ୩୧୪ଟି ବ୍ଲକ୍‌ରେ ଏହି କାର୍ଯ୍ୟକ୍ରମକୁ ପହଞ୍ଚାଇ ଓ ରେକର୍ଡ ସଂଖ୍ୟକ ୪୮୦୬୧ ୟୁନିଟ୍ ରକ୍ତ ସଂଗ୍ରହ କରି ଆମେ ଉକ୍ତ ଲକ୍ଷ୍ୟର ନିକଟତର ହୋଇପାରିଛୁ ।

ଏହି ସଫଳତା ଏବର୍ଷର ଜାନୁଆରି ୨୩ରେ ଆଉଏକ ସଂକଳ୍ପ ନେବାପାଇଁ ଆମକୁ ଉତ୍ସାହିତ କରିଛି । ଭାଷାଜ୍ଞାନ ଓ ରକ୍ତଦାନ ଉଭୟ କାର୍ଯ୍ୟକ୍ରମ ସହିତ ଏବର୍ଷ ଆମେ ଯୁବ ପିଢ଼ିକୁ ରାଷ୍ଟ୍ରଗଠନର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱପ୍ରତି ସଚେତନ କରାଇବାପାଇଁ **'ମତଦାନ ଅଭିଯାନ'** ଆରମ୍ଭ କରୁଛୁ ।

ସୌମ୍ୟ ରଞ୍ଜନ

## ଭୋଟ ଦେବା କାହିଁକି?

**ଗୋଟିଏ ଭୋଟରେ ବି ଫରକ ପଡ଼ି ପାରିବ ।**

ଅନେକ ଲୋକ ଭାବନ୍ତି ଯେ ଜଣେ ଲୋକ ଭୋଟ ଦେଉ ବା ନଦେଉ ତାହା ନିର୍ବାଚନ ଫଳାଫଳ ଉପରେ ପ୍ରଭାବ ପକାଇପାରେ ନାହିଁ । କିନ୍ତୁ ସମସ୍ତେ ଯଦି ଏଭଳି ଭାବନ୍ତି ତା'ହେଲେ କ'ଣ ହେବ କହିଲେ ?

ନିର୍ବାଚନରେ ପ୍ରତିନିଧିମାନେ ଖଣ୍ଡିଏ ଭୋଟରେ ଜିତିବା/ହାରିବାର ମଧ୍ୟ ଦୃଷ୍ଟାନ୍ତ ଅଛି ।
ଆପଣ ନିଜର ବୁଦ୍ଧି ବିବେକ ପ୍ରୟୋଗକରି ଠିକ୍ ପ୍ରତିନିଧିଙ୍କୁ ବାଛିବେ ଏବଂ ଆପଣଙ୍କର ମତ ହିଁ ନିର୍ଣ୍ଣୟ କରିବ ଆଗାମୀ କାଲିର ରୂପରେଖ । ଏଣୁ ସଦାବେଳେ ମନେରଖନ୍ତୁ, ଆପଣଙ୍କ ଭୋଟ ହିଁ ହେବ ନିର୍ଣ୍ଣାୟକ ଭୋଟ୍ ।

## ଭୋଟ ଦେବା କାହାକୁ?

କୌଣସି ନିର୍ବାଚନରେ ଲଢୁଥିବା ପ୍ରାର୍ଥୀମାନଙ୍କ ଭିତରୁ ଯୋଗ୍ୟତମ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟଦେବା ଉଚିତ । ପ୍ରାର୍ଥୀ ଯେଉଁ ରାଜନୈତିକ ଦଳର ପ୍ରତିନିଧିତ୍ୱ କରୁଥିବେ ସେହି ଦଳର ଆଦର୍ଶ ଓ ମୂଲ୍ୟବୋଧକୁ ମଧ୍ୟ ପରଖି ନେବା ଉଚିତ । ଲଢୁଥିବା ପ୍ରାର୍ଥୀମାନଙ୍କ ଭିତରୁ ସର୍ବଶ୍ରେଷ୍ଠ ପ୍ରାର୍ଥୀଙ୍କୁ ବାଛି ଆପଣଙ୍କୁ ଭୋଟ ଦେବାକୁ ହେବ । ଭୋଟଦାତାଙ୍କ ମତାମତର ପ୍ରଭାବରେ ରାଜନୈତିକ ଦଳମାନେ କ୍ରମଶଃ ଅଧିକରୁ ଅଧିକ ଯୋଗ୍ୟପ୍ରାର୍ଥୀ ବାଛିବାପାଇଁ ବାଧ୍ୟ ହେବେ ।

## ଭୋଟ ଦେବା କେମିତି?

ଭୋଟ ଦେବାପାଇଁ ନିମ୍ନୋକ୍ତ ଦୁଇଟି ଆବଶ୍ୟକତା ପୂରଣ ହେବା ଜରୁରୀ

(୧) ଭୋଟଦାତାଙ୍କ ନାମ ଭୋଟର ତାଲିକାରେ ଥିବ ।

(୨) ଉଦ୍ଦିଷ୍ଟ ପରିଚୟପତ୍ର ଜରିଆରେ ଭୋଟଦାତାଙ୍କ ପରିଚୟ ପ୍ରମାଣିତ ହୋଇ ପାରୁଥିବ ।

## ଭୋଟର ତାଲିକାରେ ଆପଣଙ୍କ ନାଁ ଅଛି ତ?

ଭୋଟର ତାଲିକାରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ନାଗରିକଙ୍କର ନାମ ପଞ୍ଜୀକୃତ ହୋଇଥାଏ । ଯଦି ଆପଣ ଭୋଟର ତାଲିକାରେ ନିଜର ନାମ ନ ପାଆନ୍ତି, ତେବେ ନିଜର ନାମ ପଞ୍ଜୀକରଣ କରାଇବାପାଇଁ ଫର୍ମ-୬ ପୂରଣକରି ନିଜ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ପାଖରେ ଆବେଦନ କରିବାକୁ ହେବ । ଇଣ୍ଟରନେଟ୍‌ରେ http://eci.gov.in ସାଇଟ୍‌ରେ ଫର୍ମ-୬ ମିଳି ପାରିବ ।

## ଆପଣ ନିଜ ସଂପର୍କରେ କୌଣସି ତଥ୍ୟର ସଂଶୋଧନ ଚାହାନ୍ତି କି?

ଆପଣଙ୍କ ନାଁ, ସାଙ୍ଗିଆ, ମଝିନାମ, ଘର ନମ୍ବର, ବୟସ, ଲିଙ୍ଗ ଆଦି କୌଣସି ତଥ୍ୟ ଭୋଟର ତାଲିକାରେ ଭୁଲ୍‌ଭାବେ ଲିପିବଦ୍ଧ ହୋଇଥିଲେ ଆପଣ ଫର୍ମ-୮ ଦ୍ୱାରା ସଂଶୋଧନ ପାଇଁ ଆବେଦନ କରିପାରିବେ । ଆପଣ ନିଜ ନିର୍ବାଚନ ମଣ୍ଡଳୀ ଭିତରେ ଘର ବଦଳାଇଥିଲେ ଫର୍ମ-୮ (ଏ) ଦାଖଲ କରିବେ ।

ଯଦି ଅନ୍ୟକୌଣସି ବ୍ୟକ୍ତିଙ୍କର ନାମ ଭୁଲ୍‌ରେ ତାଲିକାରେ ଲିପିବଦ୍ଧ ଅଛି, ତାଙ୍କ ନାମକୁ କଟାଇବାପାଇଁ ଫର୍ମ-୭ ମାଧ୍ୟମରେ ଆବେଦନ କରିପାରିବେ ।

## ଭୋଟଦାନ ପ୍ରକ୍ରିୟା

**ଏହିପରି ଭାବରେ ଭୋଟ ଦେଇହୁଏ।**

- ଭୋଟଦାତା ନିଜେ ଭୋଟକେନ୍ଦ୍ର ବା ବୁଥ୍‌କୁ ଆସିବେ।
- ପ୍ରଥମ ପୋଲିଂ ଅଫିସର ତାଙ୍କ ପରିଚୟ ଯାଞ୍ଚ କରିବେ।
- ଦ୍ୱିତୀୟ ପୋଲିଂ ଅଫିସର ଭୋଟଦାତାଙ୍କ ଡାହାଣ ବିଶି ଆଙ୍ଗୁଠିରେ କଳାକାଳିରେ ଦାଗଦେବେ।
- ଭୋଟର ତାଲିକାରେ ଦସ୍ତଖତ/ଟିପଚିହ୍ନ ନେବାପରେ ଭୋଟଦାତାଙ୍କୁ ଭୋଟିଂ ସ୍ଲିପ୍ ଦେବେ।
- ଭୋଟଦାତା ତୃତୀୟ ପୋଲିଂ ଅଫିସରଙ୍କୁ ଭୋଟିଂ ସ୍ଲିପ୍ ଦେଖାଇବା ପରେ ଭୋଟ ଦେଇପାରିବେ।
- ଭୋଟଦାନ ବେଳେ ଭୋଟଦାତା ଯାହାଙ୍କୁ ଭୋଟ ଦେବାକୁ ଚାହୁଁଛନ୍ତି ତାଙ୍କର ନାମ ଓ ନିର୍ବାଚନ ସଂକେତ ପାଖରେ ଥିବା 'ନୀଳ' ବଟନକୁ ଚିପିବେ।
- ତା'ପରେ ଅପେକ୍ଷାକରି ଦେଖିବେ ଯେ ସେ ଭୋଟଦେଇଥିବା ପ୍ରତିନଧିଙ୍କ ନାମ ନିକଟରେ 'ଲାଲ୍' ବତୀଟି ଜଳିଲା ।

**ଏଇଠି ଭୋଟଦାନ ସରିଲା।**

## ଭୋଟଦାନ ସମୟରେ କେଉଁକେଉଁ ଜିନିଷ ମନେରଖିବେ

- ଭୋଟଦାନ ପାଇଁ ଯିବାବେଳେ ନିଜର ପରିଚୟପତ୍ର ସାଙ୍ଗରେ ନେବେ।
- ଯଦି ଆପଣ ଯିବାପୂର୍ବରୁ ଆପଣଙ୍କ ନାମରେ ଭୋଟ ପଡିସାରିଛି, ମାତ୍ର ଆପଣ ନିଜର ପରିଚୟ ପ୍ରମାଣିତ କରିପାରୁଛନ୍ତି, ତେବେ ଆପଣ ମୁଖ୍ୟ ପୋଲିଂ ଅଫିସରଙ୍କ ସହ କଥାବାର୍ତାକରି Tendered Ballot ଦେବାପାଇଁ ଅନୁରୋଧ କରିପାରିବେ।
- ପୁରୁଷ, ସ୍ତ୍ରୀ ଓ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କ ପାଇଁ ଉର୍ଦ୍ଦିଷ୍ଟ ଭିନ୍ନଭିନ୍ନ ଧାଡ଼ିର ଠିକ୍ ଉପଯୋଗ କରିବେ।
- ଯଦି ଆପଣ କୌଣସି କାରଣରୁ ଭୋଟଦାନ ପାଇଁ ଅକ୍ଷମ, ତେବେ ସହାୟତା ପାଇଁ ୧୮ ବର୍ଷରୁ କମ୍ କୌଣସି ବ୍ୟକ୍ତିକୁ ପୁଲିଂ ଅଫିସରଙ୍କ ଅନୁମତିକ୍ରମେ ସାଥିରେ ନେଇପାରିବେ।
- ଭୋଟଦାନ ପ୍ରକ୍ରିୟା ସଂପର୍କରେ ନିର୍ଦ୍ଦିଷ୍ଟ ଅଭିଯୋଗ ଥିଲେ ଆପଣ ପୋଲିଂ କେନ୍ଦ୍ରରେ ଥିବା ପର୍ଯ୍ୟବେକ୍ଷକଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରିପାରିବେ।

**ଆସନ୍ତୁ, ଆମେ ସମସ୍ତେ ଭୋଟଦେବା ଓ ଆମର ସୁଯୋଗ୍ୟ ପ୍ରତିନିଧି ବାଛିବା।**


ଆମ ଓଡ଼ିଶା
ĀMA ODISHĀ

ଯୋଗାଯୋଗ:

**'ଆମ ଓଡ଼ିଶା କାର୍ଯ୍ୟାଳୟ'**, ୪ଆର୍ ୧/୨, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର - ୭୫୧୦୦୧

ଦୂରଭାଷ: ୦୬୭୪-୨୫୩୬୭୧୭/୧୮ **website: www.aamaodisha.org.in**